# ପିଲାଙ୍କ ଧରିତ୍ରୀ

ଶନିବାର, ୧ ସେପ୍ଟେମ୍ବର, ୨୦୧୮



୮ ଆଇନା

୩ ସେଣ୍ଟ ଆରନୋଲ୍ଡ ସ୍କୁଲ,
ବେଦବ୍ୟାସ, ଝାରତରଙ୍ଗ, ରାଉରକେଲା





୬ ପ୍ରତିଭା

୪ ତୁମ ତୂଳୀରୁ





୭ ଜଣା ଅଜଣା

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

## ମତାମତ

- ଏଥରର ପିଲାଙ୍କ ଧରିତ୍ରୀରେ ପ୍ରକାଶିତ ରାଖୀ ସମ୍ପର୍କିତ ସମସ୍ତ କବିତା ସହ ଗପ ପଢିବାକୁ ଭଲ ଲାଗିଲା।
  – କୀର୍ତ୍ତି ମହାନ୍ତି, ଯୋଡ଼ା, କେନ୍ଦୁଝର
- ତୁମ ତୂଳୀରୁ ପୃଷ୍ଠାରେ ପ୍ରକାଶିତ ସମସ୍ତ ଚିତ୍ର ଭଲ ଲାଗୁଥିଲା। ପିଲାଙ୍କ ସୃଜନଶୀଳତାକୁ ଏଥିରେ ସ୍ଥାନ ଦେଇଥିବାରୁ ଧନ୍ୟବାଦ।
  – ସନ୍ଧ୍ୟାରାଣୀ ସାହୁ, ଖଲିକୋଟ, ଗଞ୍ଜାମ
- 'ପିଲାଙ୍କ ଧରିତ୍ରୀ' ପଢିବାକୁ ଭଲ ଲାଗୁଛି। ଏଥିରେ ଗୋଟିଏ ପୃଷ୍ଠା ଶିକ୍ଷଣୀୟ ଗପ ଏବଂ ଗୋଟିଏ ପୃଷ୍ଠା ମନଛୁଆଁ କବିତା ପ୍ରକାଶ ପାଇଲେ ଏହାର ମାନ ଆହୁରି ବୃଦ୍ଧି ପାଇବ।
  – ନିର୍ଭୟ କୁମାର ପାଣି, କଣିହା, ଅନୁଗୋଳ
- ସର୍ବ କନିଷ୍ଠ ଲେଖକ ଅୟାନଙ୍କ ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା। 'କହିଲ ଦେଖି' ସ୍ତମ୍ଭଟି ପଢିବାକୁ ମଜା ଲାଗୁଛି।
  – ତରୁଣ କୁମାର ପ୍ରଧାନ, ଚହଟା ଛକ, କଟକ

# ପାପ ବଢ଼ିଲେ ପ୍ରଭୁ ରାଗନ୍ତି

ଗପ



ଏକଦା ମଥୁରା ନଗରୀରେ ଉଗ୍ରସେନ ନାମରେ ଜଣେ ରାଜା ଥିଲେ। ରାଜାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିଲା। ପୁଅଟି ପିଲାବେଳୁ ରାଗି ସ୍ୱଭାବର ହୋଇଥିବାରୁ ରାଜା ତା' ନାମ କଂସ ରଖିଥିଲେ। ସେହିଭଳି ଝିଅଟି ଶାନ୍ତ ସ୍ୱଭାବର ହୋଇଥିବାରୁ ତା'ର ନାମ ଦେବକୀ ରଖିଥିଲେ। ପିଲାବେଳୁ ଭାଇଭଉଣୀ ଦୁହେଁ ଦୁହିଁଙ୍କୁ ଖୁବ୍ ସ୍ନେହ କରୁଥିଲେ। ଦୁହେଁ ଦୁହିଁଙ୍କୁ ପାଖରେ ନ ପାଇଲେ ଖୁବ୍ ବ୍ୟସ୍ତ ହେଉଥିଲେ। ଏପରିକି ବଡ଼ ହୋଇ ବିବାହ କରିବା ପର୍ଯ୍ୟନ୍ତ କେହି କାହାର ପାଖ ବି ଛାଡୁ ନ ଥିଲେ।

ଦିନେ ବିଧି ଅନୁସାରେ ଦେବକୀର ବାହାଘର ହେଲା। ମାତ୍ର ଏହାପରେ ବି ଭାଇ ଭଉଣୀ କେହି କାହାଠୁ ଦୂରେଇଯିବାକୁ ପ୍ରସ୍ତୁତ ନ ଥିଲେ। ସେଥିପାଇଁ ଭଉଣୀ ସହ ତା' ଶାଶୁଘର ଯିବାକୁ ଭାଇ କଂସ ରଥର ସାରଥି ହୋଇ ବାହାରିଲା। କିଛି ବାଟ ଗଲା ପରେ ହଠାତ୍ ଖୁବ୍ ଜୋର୍‌ରେ ବିଜୁଳି ମାରିଲା। ଝଡ଼ତୋଫାନ ସାଙ୍ଗକୁ ପବନରେ ରଥର ଚକ ଅଟକିଗଲା। ଆଉ ଆକାଶରୁ କେହି ଭବିଷ୍ୟବାଣୀ କଲା, 'ରେ କଂସ...... ତୁ ଯେଉଁ ଭଉଣୀକୁ ଏତେ ସ୍ନେହ କରୁଛୁ ସେଇ ଭଉଣୀର ଅଷ୍ଟମ ସନ୍ତାନ ତୋ ମୃତ୍ୟୁର କାରଣ ହେବ'। ଏହା ଶୁଣି କଂସ ଜୋର୍‌ରେ ଗର୍ଜନ କଲା। ଭଉଣୀକୁ ଶାଶୁଘର ନ ନେଇ ଉଭୟ ଭଉଣୀ ଭିଣୋଇଙ୍କୁ ଆଣି କାରାଗାରରେ ବନ୍ଦୀ କଲା। ଏ କଥା ମହାରାଜ ଉଗ୍ରସେନ ଜାଣିପାରି କଂସକୁ ତାଗିଦ କଲେ। ମାତ୍ର କଂସ ଏତେ କ୍ରୋଧାନ୍ୱିତ ଥିଲା ଯେ, ନିଜ ପିତା ଉଗ୍ରସେନଙ୍କୁ ମଧ୍ୟ ବନ୍ଦୀ କରିନେଲା। ପିତାଙ୍କଠୁ ରାଜମୁକୁଟ ଛଡ଼ାଇ ନିଜେ ମଥୁରାର ରାଜା ହେଲା। ପିତାଙ୍କ ପରି ପ୍ରଜାବତ୍ସଳ ନ ହୋଇ କଂସ ନୃଶଂସ ହେଲା। ଦିନକୁ ଦିନ ପ୍ରଜାଙ୍କ ଉପରେ ଅତ୍ୟାଚାର କଲା। କାରାଗାରରେ ଭଉଣୀ ଜନ୍ମ ଦେଉଥିବା ଗୋଟିକ ପରେ ଗୋଟିଏ ସନ୍ତାନକୁ ନେଇ ହତ୍ୟାକଲା। ଦିନକୁ ଦିନ କଂସର ଉତ୍ପାତ ବଢି ଚାଲିଲା। ଅନ୍ୟାୟ ଅତ୍ୟାଚାରରେ ସାରା ରାଜ୍ୟ ଅତିଷ୍ଠ ହୋଇପଡିଲା। ଏହାଦେଖି ଭଗବାନ ବିଷ୍ଣୁ ଆଉ ସହିପାରିଲେ ନାହିଁ। କାରଣ ପାପ ବଢ଼ିଲେ ପ୍ରଭୁ ରାଗନ୍ତି। ଏଣୁ କଂସଭଳି ମହାପାପୀକୁ ବଧ କରିବା ପାଇଁ ସେ ଶ୍ରୀକୃଷ୍ଣ ହୋଇ ଦେବକୀଙ୍କ ଅଷ୍ଟମ ଗର୍ଭରେ ଜନ୍ମ ହେଲେ। ଶ୍ରୀକୃଷ୍ଣ ରୂପରେ ଅତ୍ୟାଚାରୀ କଂସକୁ ବଧକରି ଭଗବାନ ସେଠାରେ ଧର୍ମପ୍ରତିଷ୍ଠା କଲେ ଏବଂ ମଥୁରାବାସୀଙ୍କୁ ଅତ୍ୟାଚାରରୁ ମୁକ୍ତି ଦେଲେ।

ସେହିଦିନଠୁ ଭଗବାନ ବିଷ୍ଣୁଙ୍କୁ ଆମେ ଶ୍ରୀକୃଷ୍ଣ ରୂପରେ ପୂଜା କରୁଛେ ଏବଂ ତାଙ୍କ ଜନ୍ମଦିନକୁ ଜନ୍ମାଷ୍ଟମୀ ରୂପେ ପାଳୁଛେ।

– **ଶିବରାମ ମହାପାତ୍ର,** ମହିତମା, ନୟାଗଡ଼

ବିନ୍ଦୁ ଯୋଡ଼



## ଖିଲି ଖିଲି ହସ

ଥରେ ସ୍କୁଲରେ ପିଲାମାନଙ୍କୁ ପଢ଼ାଉଥିବା ସମୟରେ ଶିକ୍ଷୟିତ୍ରୀ କହିଲେ– ଧରିନିଅ ତୁମ ଘରର ପଛପଟ ଦେଇ ଚୋର ପଶିଛି, ତୁମେ କ'ଣ କରିବ ?
ଛାତ୍ର– ମିସ୍, ମୁଁ ପ୍ରଥମେ ୦୦୧କୁ ଫୋନ୍ କରିବି ଏବଂ ପଛ କବାଟ ଦେଇ ପୋଲିସ୍ ପଶି ଚୋରକୁ ଧରିବ।

ଥରେ ପପୁ ଗୋଟିଏ ଗଧ ଧରି କ୍ଲାସ ଭିତରକୁ ଆସିଲା। ଏହା ଦେଖି ମିସ୍ ପଚାରିଲେ, ଆଚ୍ଛା ପପୁ, ଏ ଗଧକୁ କାହିଁକି କ୍ଲାସ ଭିତରକୁ ଆଣିଛ ?
ପପୁ– ମିସ୍, ଆପଣ କହୁଥିଲେ ମୁଁ କେତେ ଗଧଙ୍କୁ ମଣିଷ କରିଛି, ଥରେ ଏହି ଗଧକୁ ମଣିଷ କରି ଦିଅନ୍ତୁ ନା !

(ଦୁଇସାଙ୍ଗ ମଧ୍ୟରେ କଥାବାର୍ତ୍ତା)
ପ୍ରଥମ ସାଙ୍ଗ: କୁଆଡ଼େ ଯାଉଛୁ ?
ଦ୍ୱିତୀୟ: ଦେଖାଯାଉନି, ଗାଧେଇବାକୁ ଯାଉଛି।
ପ୍ରଥମ ସାଙ୍ଗ: କିନ୍ତୁ, ମୋବାଇଲ ନେଇ କାହିଁକି ଯାଉଛୁ ?
ଦ୍ୱିତୀୟସାଙ୍ଗ: ପାଣି ବାଲ୍‌ଟି ଭରିବା ପର୍ଯ୍ୟନ୍ତ କ'ଣ କରିବି ?

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ସେଣ୍ଟ ଆରନୋଲ୍ଡ ସ୍କୁଲ

## ବେଦବ୍ୟାସ, ଝାରତରଙ୍ଗ, ରାଉରକେଲା

ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକ ବ୍ରାହ୍ମଣୀତରଙ୍ଗ ଥାନା ଝାରତରଙ୍ଗ ଅଞ୍ଚଳରେ ରହିଛି ସହରର ପ୍ରମୁଖ ଶିକ୍ଷାନୁଷ୍ଠାନ ସେଣ୍ଟ ଆରନୋଲ୍ଡ ଇଂରାଜୀ ମାଧ୍ୟମ ବିଦ୍ୟାଳୟ। ଗତ ୨୦୦୮ରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ସଂପ୍ରତି ୨୭୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏମାନଙ୍କୁ ଶିକ୍ଷା ପ୍ରଦାନ ନେଇ ୮୬ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ୨୦ କର୍ମଚାରୀ ଏଠାରେ କାମ କରୁଛନ୍ତି। ସହରର ବିଭିନ୍ନ ଅଞ୍ଚଳରୁ ବିଦ୍ୟାଳୟକୁ ଛାତ୍ରୀଛାତ୍ରୀଙ୍କ ଯାତାୟାତ ନିମନ୍ତେ କର୍ତ୍ତୃପକ୍ଷଙ୍କ ଦ୍ୱାରା ମୋଟ ୨୧ଟି ବସ ଚଳାଚଳ କରୁଛି। ଜାତୀୟ ରାଜପଥ ନିକଟରୁ ଦେଢ କିମି ଦୂର ଏହି ବିଦ୍ୟାଳୟରେ ଅନେକ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ଛାତ୍ର ଶିକ୍ଷାଗ୍ରହଣ କରୁଛନ୍ତି। ଆର୍ଥିକ ଓ ପାଠ ପଢାରେ ପଛୁଆ କିଛି ପିଲାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଆବାସିକ ବ୍ୟବସ୍ଥା କରି ଅନ୍ୟମାନଙ୍କ ସମକକ୍ଷ କରିବା ଲାଗି ପ୍ରଚେଷ୍ଟା ଚଳାଇଛନ୍ତି। ଇଂରାଜୀ ସହ ହିନ୍ଦୀ ଓ ଓଡିଆ ଭାଷା ଶିକ୍ଷାକୁ ଏଠାରେ ସମାନ ଦୃଷ୍ଟିରେ ଦେଖାଯାଏ। ପାଠ ପଢା ସହ ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ନେଇ ପ୍ରତି ଶୁକ୍ରବାର ବିଭିନ୍ନ ଇଭେଣ୍ଟ ଆୟୋଜନ କରାଯାଇଥାଏ। ଏଥିରେ ଗୀତ, ନୃତ୍ୟ, ବାଦ୍ୟ ସହ ବିଭିନ୍ନ ପ୍ରକାର କ୍ରୀଡା କୌଶଳ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଥାଏ। ବିଦ୍ୟାଳୟ ପକ୍ଷରୁ ବାର୍ଷିକ ପତ୍ରିକା ମଧ୍ୟ ପ୍ରକାଶିତ ହୁଏ।

ବିଦ୍ୟାଳୟରେ ଅନେକ ମେଧାବୀ ଛାତ୍ରୀଛାତ୍ର ରହିଥିବା ବେଳେ ଏମାନେ ବିଭିନ୍ନ ସମୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି।

ରିପୋର୍ଟ-**ବସନ୍ତ ଧଳ**

### ସଂକ୍ଷେପରେ...

- ପ୍ରତିଷ୍ଠା - ୨୦୦୮ ମସିହା
- ବିଦ୍ୟାର୍ଥୀ ସଂଖ୍ୟା - ୨୭୦୦
- କ୍ଲାସ- ନର୍ସରୀରୁ କ୍ଲାସ-୧୨
- ଶିକ୍ଷୟିତ୍ରୀ-ଶିକ୍ଷକଙ୍କ ସଂଖ୍ୟା- ୮୬
- ପ୍ରମୁଖ ଭାଷା- ଇଂରାଜୀ, ଓଡିଆ, ହିନ୍ଦୀ

### ବିଦ୍ୟାଳୟ ଅଧକ୍ଷ



**ଫାଦର ଫ୍ରାନସିସ ଯୋଶ** କହନ୍ତି, ଛାତ୍ରୀଛାତ୍ରଙ୍କୁ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ ସହ ମାନବୀୟ ଗୁଣାବଳୀର ବାସ୍ତବ ଅଧିକାରୀ ହେବାକୁ ଆମର ଚେଷ୍ଟା ଅବ୍ୟାହତ ରହିଛି। ପିଲାଙ୍କୁ ପୂର୍ଣ୍ଣାଙ୍ଗ ମଣିଷ କରି ଗଢି ତୋଳିବା ଆମ ଅନୁଷ୍ଠାନର ମୂଳ ଲକ୍ଷ୍ୟ। ଏବେ ୯୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ନିଜ ସହାୟତାରେ ଶିକ୍ଷାଦାନ କରୁଛି। ପିଲାମାନେ ଶିକ୍ଷା ପ୍ରାପ୍ତି ପରେ ନିଜକୁ ସୁନାଗରିକ କରି ଗଢି ତୋଳିବା ସହ ସମାଜ ଓ ଦେଶ ପାଇଁ କାମ କରନ୍ତୁ, ଏତିକି ଆମେ ସର୍ବଦା କାମନା କରି ଆସିଛୁ।



**ଅଭୟ ମାଝି**
(କ୍ଲାସ-୧୨)
ଲେଖାଲେଖିରେ ବେଶ ରୁଚି ରଖିଛନ୍ତି ଅଭୟ। ପ୍ରବନ୍ଧ ଲେଖିବା କଳା ତାଙ୍କୁ ବିଭିନ୍ନ ସମୟରେ ପ୍ରଶଂସା ଆଣି ଦେଇଛି। ରଚନା, ତର୍କ ଓ ସାଧାରଣ ଜ୍ଞାନ ପରୀକ୍ଷାରେ ସେ ଜଣେ ସଫଳ ପ୍ରତିଯୋଗୀ। ମଦର ଟେରେସା କ୍ୱିଜ ପାଇଁ ଗତ ୨୦୧୬ରେ ସେ ଜାତୀୟ ପୁରସ୍କାର ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ।



**ଅନୁଷ୍କା ଦାସ**
(କ୍ଲାସ-୧୧)
ଓଡିଶୀ ନୃତ୍ୟ ପ୍ରବୀଣା ଅନୁଷ୍କା । ପିଲାବେଳୁ ଏଥିରେ ଆଗ୍ରହ ରହିଛି। ବିଦ୍ୟାଳୟ ପ୍ରତିଯୋଗିତାକୁ ବାଦ ଦେଲେ ସେ ଅନେକ ଟିଭି ଚାନେଲରେ ମଧ୍ୟ ନିଜ ନୃତ୍ୟକଳା ପ୍ରଦର୍ଶନ କରି ପୁରସ୍କାର ହାସଲ କରିଛନ୍ତି।



**ଅମିତାଭ ମିତ୍ର**
(କ୍ଲାସ-୯)
ଚିତ୍ର ଆଙ୍କିବାରେ ଧୁରନ୍ଧର ଅମିତାଭ ସବୁ ପ୍ରକାର ଚିତ୍ର ଆଙ୍କି ପାରନ୍ତି। ଏଥିପାଇଁ ତାଙ୍କୁ ବିଦ୍ୟାଳୟ ସ୍ତରରେ ଅନେକ ପୁରସ୍କାର ମିଳିଛି। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସେ ପ୍ରଶଂସିତ ହୋଇଛନ୍ତି।



**ଆରାଧନା ପଟ୍ଟନାୟକ**
(କ୍ଲାସ-୧୧)
ବିଦ୍ୟାଳୟର ଜଣେ ମେଧାବୀ ଛାତ୍ରୀ ଆରାଧନା ଆନ୍ତଃ ସ୍କୁଲ ରଚନା ଓ ତର୍କ ପ୍ରତିଯୋଗିତାରେ ଭାଗ ନେଇ ସୁନାମ ଅର୍ଜନ କରିଛନ୍ତି। ଏଥିସହିତ ସେ ବିଭିନ୍ନ ସମୟରେ ଅନେକ ସଂଗଠନ ପକ୍ଷରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି।



କୁନିପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।



ବାର୍ଷିକ କ୍ରୀଡ଼ାରେ ସ୍କୁଲର ଛାତ୍ରମାନେ।

## କବିତା

# ହେ କୃଷ୍ଣ

ହେ କୃଷ୍ଣ, ଗୋବିନ୍ଦ, ହେ ରାଧାକାନ୍ତ
ତୁମ ମହିମା ପ୍ରଭୁ ଚୌଦିଗେ ଅନନ୍ତ।
ତା'ମଧ୍ୟେ ସାର ପୁଣି ଗୋବିନ୍ଦ ଜନ୍ମ
ଯେଣୁ ଖଣ୍ଡିବ ଭବ ଦୁଃଖ ଭରମ।

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ
ରୋହିଣୀ ନକ୍ଷତ୍ର ପୁଣି ବୃଷ ରାଶିରେ
ଦୁନ୍ଦୁଭି ବାଦ୍ୟ ନେଇ ମେଘ ଆସଇ
ମଳୟ ସୁବାସିତ ହୋଇ ବହଇ।

କଂସର ବନ୍ଦୀ ଘରେ ଦେବକୀ ଗର୍ଭରୁ
ଜନ୍ମ ନେଲେ ଶ୍ରୀକୃଷ୍ଣ ଯେ ସକଳ ଦୁଃଖ ହରୁ।
ଅଘା, ବକା, ଶକଟା ସୁରକୁ ସଂହାରି
କାଳୀୟ ଦଳନ ପ୍ରଭୁ ଧେନୁକା ସୁର ଅରି।

ନୀଳ ଜୀମୂତ କାନ୍ତି କି ରୂପ ସୁନ୍ଦର
ନାମ ଧରି ତରି ଯାଅ ଏ ଭବ ସାଗର।
ଯିଏ ଜାଣେ କୃଷ୍ଣ ନାମେ ଅଛି କି ରସ
ଉଦ୍ଧରେ ସଂସାରୁ ସିଏ ହୋଇଣ ହରଷ।

—**ବିଜୟଲକ୍ଷ୍ମୀ ବେହେରା**, *ଶିକ୍ଷୟିତ୍ରୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର*



# କହ୍ନେଇ

କହ୍ନେଇରେ ମାଟି ଖାଉଛୁ କିଆଁ ଧରି
ଊଣା ନାହିଁ ଧନ ଖଣ୍ଡ ସାକରରେ
ଖାଇବୁ ତୁ ମନଭରି।
ଗୋରସ, ମହି, ଛେନା ଦହି ସରଲବଣୀ
ପୂରିଛି
କାହିଁକି ଖାଉ ମାଟିରେ ଧନ
କିଏ ବାରଣ କରିଛି।
ଅନାରେ ଧନ ମାଟି ଖାଆନା
ପେଟ ତୋ ଦେବ ଚରି...
ମା'ଙ୍କ କଥା ଶୁଣି ସଧିରେ କହିଲେ
ନନ୍ଦବଳା
ଖାଇନି ମାଟି ମୁହଁରେ ମୋର ଲାଗିଯାଇଛି
କଳା।
ଦେଖ ଜନନୀ କରୁଛି ଆଁ
ମାଟିକି ଅଛି ଭରି...
ଦେଖିଲେ ମା' ପୁଅର ଆଁ ବୁଡିତ ଗଲା
ଚେତା
ସାରା ସଂସାର ରହିଛି ଭରି ସବୁ ପୁରାଣ,
ଗୀତା।
ଦୁଇହାତକୁ ଯୋଡି ଯଶୋଦା କହିଲେ
କାହ୍ନୁରେ, ଦେଖି ମୁଁ ଗଲି ଡରି...
ଦେଖି ମୁଁ ଗଲି ଡରି...।

—**ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ**, *ଆକାଶବାଣୀ ଗୀତିକାର, ଧନୁପାଲି, ସମ୍ବଲପୁର*

# ଅଭିନେତ୍ରୀ ହେବେ ସାଇମା



ପ୍ରତିଭା

ସାଇମା ପଣ୍ଡା ଓରଫ୍ ଗୁଡୁଲ୍। ଭୁବନେଶ୍ୱର ରସୁଲଗଡସ୍ଥିତ ଜିଜିପି କଲୋନୀରେ ରୁହନ୍ତି। ବାପା ରାଜ ନାରାୟଣ ପଣ୍ଡା ଓ ମା ରଶ୍ମି ପଣ୍ଡା। ରସୁଲଗଡ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲର ଷ୍ଟାଣ୍ଡାର୍ଡ ୨ ର ଛାତ୍ରୀ। କେବଳ ପାଠପଢା ନୁହେଁ, ନାଚ, ଗୀତ, ଚିତ୍ରାଙ୍କନ ଓ ଅଭିନୟ ଆଦିରେ ସେ ବେଶ୍ ପାରଙ୍ଗମ। ଭୁବନେଶ୍ୱରର ଚିନ୍ତାମଣିଶ୍ୱରରେ ଥିବା ଶାରଳା ଡ୍ୟାନ୍ସ ଗ୍ରୁପ୍‌ରେ ୨ ବର୍ଷ ହେବ ମଡର୍ନ ଡ୍ୟାନ୍ସ ଶିଖୁଛନ୍ତି। ତାଙ୍କର ପ୍ରଥମ ନୃତ୍ୟ ଗୁରୁ ଉଦୟ ଶଙ୍କର ସ୍ୱାଇଁ। ଏଯାବତ୍ ସେ ୧୦ ଟି ଭଜନରେ ଅଭିନୟ କରିସାରିଛନ୍ତି। ଏକାମ୍ର ହାଟଠାରେ ପିକକ୍ ପକ୍ଷରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ଉଭୟ ବାପା ଓ ମାଆଙ୍କ ପ୍ରେରଣା ଯୋଗୁ ସେ ଏହି କୃତିତ୍ୱ ଲାଭ କରିଛନ୍ତି ବୋଲି କୁହନ୍ତି। ଭବିଷ୍ୟତରେ ଅଭିନେତ୍ରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି ଏହି କୁନି ପ୍ରତିଭା।

# କହିଲ ଦେଖି

– ନିରଞ୍ଜନ ପତି

୧)ଇଟା ପଥର ମୋ ଦେହର ହାଡ଼
ସହେ ଖରାବର୍ଷା ପବନ ଜାଡ଼
ପେଟରେ ତୁମକୁ ଯତନେ ଧରେ
କୁହ କିଏ ଜନହିତ ମୁଁ କରେ।
**ଉ: ଘର**

୨) ଘର ପରି ଘେରିଥାଏ
କବାଟ ଝରକା ନାହିଁ
ରାତିରେ ଗିଳି ମୁଁ ସକାଳେ ଓକାଳେ
ତୁମରି ସୁରକ୍ଷା ପାଇଁ
ଜେଲ୍ ପରି ମୋଠି ବନ୍ଦୀ ହୋଇ ରୁହ
ନାଆଁଟି ମୋ ଦିଅ କହି।
**ଉ: ମଶାରି**


୩) କେଶ ନୁହେଁ ସିନା ବେଶ ମୋ ନରମ
ମୁଣ୍ଡକୁ ସୁରକ୍ଷା ଦିଏ
ଶୋଇବାବେଳେ ମୁଁ ଖୋଜା ପଡ଼ିଥାଏ
କୁହ ଦେଖି ମୁହିଁ କିଏ ?
**ଉ: ତକିଆ**




୪) ଜୀବନ ନ ଥାଇ ଖେତକୁ ଜଗେ ମୁଁ
କୃଷକ ଭାଇର ସାଥୀ
ଦରମା ନ ନେଇ, ନ ଖାଇ, ନ ଶୋଇ
ସେବାରେ ଥାଏ ମୋ ମତି
ମୋତେ ଚିହ୍ନ ଅଜା ନାତି।
**ଉ: ପାଳଭୂତ**

*–ଗାନ୍ଧୀମାର୍ଗ, ଅନୁଗୋଳ, ମୋ: ୯୯୩୮୧୩୩୫୫୯*

## ପାର୍ଥକ୍ୟ ଖୋଜ





## ଗୁରୁ

ଗୁରୁ ତୁମେ ବ୍ରହ୍ମା,ବିଷ୍ଣୁ ପୁଣି ମହେଶ୍ୱର
ଗୁରୁ ତୁମେ ସ୍ରଷ୍ଟା,ସୃଷ୍ଟି
ଏ ସୁନ୍ଦର ଜଗତର।
ଅଖିଳ ବ୍ରହ୍ମାଣ୍ଡ ଅଟେ
ତୁମ ଲୀଳା,ଖେଳା
ସବୁଚାଲେ ତୁମ ଇଚ୍ଛାମତେ
କିଛି ନୁହେଁ ତୁମକୁ ଅଜଣା।
ହାତଧରି କଢ଼ାଇଲ ବିଦ୍ୟାର ସାନ୍ନିଧ୍ୟେ
ଶିଖାଇଲ କେତେ କଥା
ଦେଇ ଭାଷା ଦରୋଟି ଓଠରେ।
ବାଲ୍ୟରୁ ବୃଦ୍ଧ ଯାଏ ଆମ
କୀରତିରାଜିରେ
ସବୁଠାରେ ଗୁରୁ ତୁମେ ଉଭା
ନୂଆ ନୂଆ ରୂପରେ ।
ମା' ସିନା ଜନ୍ମଦେଲା ସହି ଅଶେଷ
ଯନ୍ତ୍ରଣା
ପ୍ରାଣେ ଆମ ଭରିଦେଇ ଅମୃତର ଧାରା
ଜଗାଇଲ ତୁମେ ଯେତେ ସ୍ୱର୍ଗୀୟ
ଭାବନା।
ସୁମରି ତୁମରି ନାମ ଦିନସବୁ ଯାଉ
ଜ୍ଞାନର ଆଲୋକ ଶିଖା ଜାଳି ଏ ଧରାରେ
ତୁମପାଦେ ପ୍ରଣତି ଜଣାଉ।

– **ରତନଚାନ୍ଦ ସେନାପତି**, ବରପାଟଣାସାହି, ଟାଙ୍ଗୀ, ଖୋର୍ଦ୍ଧା

## ଏଥରର ପ୍ରଶ୍ନ ?

* ଶ୍ରୀ କୃଷ୍ଣଙ୍କ ଜନ୍ମ ଦିବସକୁ କ'ଣ କୁହାଯାଏ ?
* ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଦାତ୍ରୀ କିଏ ଅଟନ୍ତି ?
* ଶ୍ରୀକୃଷ୍ଣଙ୍କ ପାଳିତ ମାତାଙ୍କ ନାମ କ'ଣ ?
* ଶ୍ରୀକୃଷ୍ଣ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?
* ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ବାଲ୍ୟବନ୍ଧୁଙ୍କ ନାମ କ'ଣ ଥିଲା ?
* ଶ୍ରୀକୃଷ୍ଣଙ୍କ ବାହନ କିଏ ?

## ଆରଥରର ଉତ୍ତର

* ଶ୍ରାବଣ ପୂର୍ଣ୍ଣିମା ତିଥି
* ଗହ୍ମା ପୂର୍ଣ୍ଣିମା
* ଝୁଲଣ ଯାତ୍ରା
* ପ୍ରଭୁ ବଳଦେବ
* ଗୋରୁ

# ଜଣା ଅଜଣା

**ଲିଫ୍ ଇନ୍‌ସେକ୍ଟ:**
ଲିଫ୍ ଇନ୍‌ସେକ୍ଟ ନାମକ ଏକ ପତଙ୍ଗ ରହିଛି ଯାହା ଦେଖିବାକୁ ଅବିକଳ ପତ୍ର ଭଳି। ଶତ୍ରୁଠାରୁ ନିଜକୁ ରକ୍ଷା କରିବାକୁ ଯାଇ ସେ ପତ୍ର ଗହଳରେ ନିଜକୁ ଅତି ସହଜରେ ଲୁଚେଇ ଦେଇପାରେ।



**ଓଟପକ୍ଷୀ:** ଓଟପକ୍ଷୀ ଖାଦ୍ୟ ହଜମ କରିବା ସକାଶେ ବାଲି ଏବଂ ଗୋଡି ଭକ୍ଷଣ କରିଥାଏ।



**ବେଲେରିନା ଅର୍କିଡ୍:**
ଅଷ୍ଟ୍ରେଲିଆରେ ଦେଖାଯାଉଥିବା ବେଲରିନା ଅର୍କିଡ୍ ନାମକ ଫୁଲଟି ଦେଖିବା ପାଇଁ ଏକ ନୃତ୍ୟରତ ନାରୀ ସଦୃଶ।



**ଓଟ :**
ମରୁଭୂମିରେ ବାଲି ଏବଂ ସୂର୍ଯ୍ୟକିରଣରୁ ରକ୍ଷା ପାଇବା ପାଇଁ ଓଟମାନଙ୍କର ଦୁଇସ୍ତରୀୟ ଆଖି ପତା ରହିଥାଏ। ସେମାନେ ଚାହିଁଲେ ନିଜ ନାକକୁ ମଧ୍ୟ ବନ୍ଦ କରିଦେଇପାରନ୍ତି।




**ସବୁଠାରୁ ବଡ କଇଁଛ ପ୍ରଜାତି:** ଲେଦର ବେକ୍ ଟର୍ଟଲ ହେଉଛି ପୃଥିବୀର ସବୁଠାରୁ ବଡ କଇଁଛ ପ୍ରଜାତି।



✲ **ପାମ୍ ଆଇଲ୍ୟାଣ୍ଡ:** ଦୁବାଇଠାରେ ଅବସ୍ଥିତ ପାମ୍ ଆଇଲ୍ୟାଣ୍ଡ ହେଉଛି ଏକ ମନୁଷ୍ୟକୃତ ଭାସମାନ ଦ୍ୱୀପ।



**ମେରି କ୍ୟୁରି :** ୟୁରାନିୟମ୍‌ରୁ ରେଡିୟମ୍ ଉଦ୍ଭାବନ କରିଥିବା ମେରି କ୍ୟୁରି ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ଦୁଇଟି ନୋବେଲ ପୁରସ୍କାରର ବିଜେତା ହୋଇଛନ୍ତି।



**ପେଙ୍ଗୁଇନ୍:**
ମଣିଷ ଭଳି ପେଙ୍ଗୁଇନ୍‌ମାନେ ମଧ୍ୟ ନିଜ ସାଥୀକୁ ପ୍ରେମ ନିବେଦନ କରିଥାନ୍ତି। ସେମାନେ ସାଥୀକୁ ଛୋଟ ଛୋଟ ପଥର ଦେଇ ନିଜର ପ୍ରେମ ଜାହିର କରିଥାନ୍ତି।



# ଆଇନା



ଆଦ୍ୟାଶା-ପ୍ରୟାସ



ଶରଣ୍ୟା-ପ୍ରିୟାଂଶୁ



ଭୂମିଜା-ନମନ